# Akashvani, Sambalpur

## SAMBALPURI NEWS MORNING BULLETIN

## 30 March 2026 - 6.47- 6.52 am.

---

ମନ୍ କି ବାତ୍        ଏନ୍ଏସ୍ଡି

ପ୍ରଧାନ୍ମନ୍ତ୍ରୀ ନରେନ୍ଦ୍ର ମୋଦୀ ଗଲାକାଏଲ୍ ଆକାଶ୍ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ବାସୀଙ୍କର୍ ସହେତେ ଭାବ୍ ବିନିମୟ  କରିକରି ପଶ୍ଚିମ ଏସିଆର୍ ଯୁଦ୍ଧ ସଙ୍କଟ୍ ଲାଗି ଦେଖାଦେଇଥିବା ସ୍ଥିତିର ମୁକାବିଲା ଶହେ ୪୦ କୋଟି ଭାରତୀୟ ଏକ୍ଜୁଟ୍ ହେଇକରି କର୍ବେ ବଲି କହିଛନ୍ । ଏଛନିର୍ ସମିଆଥି ଗୁଜବ୍କେ ବିଶ୍ୱାସ୍ ନାଇଁ କରିକରି ସତର୍କ ରହେବାର୍ ସହେତେ ସର୍କାର୍ଙ୍କର୍ ତଥ୍ୟ ଉପ୍ରେ ଭର୍ସା କର୍ବାର୍କେ ପ୍ରଧାନ୍ମନ୍ତ୍ରୀ ଦେଶ୍ବାସୀଙ୍କୁ ଆହ୍ୱାନ୍ ଦେଇଛନ୍ ।

କାର୍ଯ୍ୟକ୍ରମ୍ଥି ପ୍ରଧାନ୍ମନ୍ତ୍ରୀ ସମ୍ବଲ୍ପୁର୍ର ସୁଜାତା ଭୂୟାଁଙ୍କର୍ କେଜ୍ କଲ୍ଚର୍ ମାଛ୍ ଚାଷ୍ର୍ ପ୍ରଶଂସା କରିଛନ୍ । ସୁଜାତା ହୀରାକୁଦ୍ ଜଲ୍ଭଣ୍ଡାର୍ ନ ମାଛ୍ଚାଷ୍ କରିକରି ଆତ୍ମନିର୍ଭର୍ ହେବାର୍ ସହେତେ

ଅଲ୍‌ଗା ମହିଲାମାନ୍‌କର୍ ଲାଗି ଗୁଟେ ଉଦାହରଣ୍ ସାଜିଛନ୍ ବଲି ପ୍ରଧାନ୍‌ମନ୍ତ୍ରୀ କହିଛନ୍ । ଇତାର୍‌ସହେତେ ପ୍ରଧାନ୍‌ମନ୍ତ୍ରୀ ପାନିର୍ ସଂରକ୍ଷଣ୍, ବୃକ୍ଷରୋପଣ୍, ପ୍ରଧାନ୍‌ମନ୍ତ୍ରୀ ସୂର୍ଯ୍ୟଘର ଯୋଜ୍‌ନା, ଯୋଗଦିବସ୍ ବାଗିର୍ ଭିନ୍ ଭିନ୍ ବିଷେଥି ନିଜର୍ ବିଚାର୍ ବ୍ୟକ୍ତ କରିଥିଲେ ।

ଇନ୍ଧନ୍ ସ୍ଥିତି ଏନ୍‌ଏସ୍‌ଡି

ଭାରତ୍‌ର ୨ ଟା ଜାହାଜ୍ ୯୪ ହଜାର୍ ମେଟ୍ରିକ୍ ଟନ୍ ଏଲ୍‌ପିଜି ନେଇକରି ଭାରତ୍ ଆସୁଛେ ବଲି କେନ୍ଦ୍ର ପେଟ୍ରୋଲିୟମ୍ ଆଉ ପ୍ରାକୃତିକ ଗେସ୍ ମନ୍ତ୍ରଣାଳୟ ତର୍‌ଫୁ ସୂଚ୍‌ନା ଦିଆଯାଇଛେ । ଦେଶର୍ ସବୁ ପେଟ୍ରୋଲ୍ ପମ୍ପ୍ ନ ଇଛେନ୍‌କା ଭର୍‌ପୁର୍ ମାତ୍ରାଥି ଇନ୍ଧନ୍ ମହଜୁଦ୍ ଅଛେ । ହେଥିର୍‌ଲାଗି ଲୁକେ ନାଇଁ ଘବ୍‌ରାବାର୍ ସହେତେ କେନ୍‌ସି ଅପପ୍ରଚାର୍‌କେ ବିଶ୍ୱାସ୍ ନାଇଁ କର୍‌ବାର୍ ଲାଗି ମନ୍ତ୍ରଣାଳୟ ତର୍‌ଫୁ ପରାମର୍ଶ ଦିଆଯାଇଛେ ।

ରାଜ୍ୟପାଲ୍ ଆଇ ଆଣ୍ଡ୍ ପି.ଆର୍

ଶାନ୍ତିପୂର୍ଣ୍ଣ ଆଉ ପ୍ରଗତିଶୀଳ ସମାଜ୍ ଗଠନ୍ ଦିଗେ ମୂଲ୍ୟବୋଧ ଭିତିକ ଶିକ୍ଷାର୍ ଭୂମିକା ଗୁରୁତ୍ୱପୂର୍ଣ୍ଣ ଆଏ ବଲି ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍ପାଟି କହିଛନ୍ । ଭୁବ୍ନେଶ୍ୱର୍ ନ ଗଲାକାଏଲ୍ ଗୁଟେ କାର୍ଯ୍ୟକ୍ରମ୍କେ ଉଦ୍ଘାଟନ୍ କରିକରି ରାଜ୍ୟପାଲ୍ ଶିକ୍ଷକ୍ମାନ୍କର୍ ଭୂମିକା ଉପ୍ରେ ଜୋର୍ ଦେଇକରି ଛାତ୍ରଛାତ୍ରୀଙ୍କର୍ ଭିତ୍ରେ ଜ୍ଞାନ ଆଉ ଚରିତ୍ର ପୋଷଣ କର୍ବାର୍କେ ଆହ୍ୱାନ୍ ଦେଇଛନ୍ ।

ଓଡ଼ିଶା ଖଦୀ ମେଳା        ଆର୍ଏନ୍ୟୁ/ ସମ୍ବଲପୁର

ଖଦୀ ଆଉ ଗ୍ରାମୋଦ୍ୟୋଗ ହଉଛେ ଗ୍ରାମୀଣ୍ ରୋଜ୍ଗାର୍ର ଗୁଟେ ବଡ଼ ଶକ୍ତି ବଲି ଏମ୍ଏସ୍ଏମ୍ଇ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ୍ କହିଛନ୍ । ଭୁବ୍ନେଶ୍ୱର୍ ନ ଗଲାକାଏଲ୍ ହେଇଥିବା ଓଡ଼ିଶା ଖଦୀ ମେଳା -୨୦୨୬ର ଉଦ୍ଯାପନୀ ସମାରୋହଥି ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ମନ୍ତ୍ରୀ ଶ୍ରୀ ମଲ୍ଲିକ୍ ଖଦୀର୍ ପ୍ରଚାର୍ ପ୍ରସାର୍ ଲାଗି ଡିଜିଟାଲ୍ ମାର୍କେଟିଂ ଉପ୍ରେ ଜୋର୍ ଦେବାର୍କେ ପରାମର୍ଶ

ଦେଇଛନ୍ । ଓଡ଼ିଶା ଖଦୀ ମେଳାରେ ୭୫ ଟା ଷ୍ଟଲ୍ ଖୁଲାଯାଇଥିଲା । ୭ ଦିନିଆ ମହୋତ୍ସବରେ ୧ କୋଟି ୨୦ ଲାଖ୍ ଟଙ୍କାର୍ ବେପାର୍ ହେଇଥିବାର ଜନାପଡ଼ିଛେ ।

ବିଜେପି ସାଂସଦ୍ ବୈଠକ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

କଲାହାଣ୍ଡି ସାଂସଦ୍ ମାଳବିକା ଦେବୀଙ୍କର୍ ନୂଆଦିଲ୍ଲୀ ସର୍‌କାରୀ ବାସଭବନ୍ ନ ଗଲାକାଏଲ୍ ବିଜେପି ସାଂସଦ୍ ମାନ୍‌କର୍ ଗୁଟେ ବୈଠକ୍ ହେଇଯାଇଛେ । ବୈଠକ୍‌ରେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ, ରାଜ୍ୟ ବିଜେପି ସଭାପତି ଆଉ ରାଜ୍ୟସଭା ସାଂସଦ୍ ମନ୍‌ମୋହନ୍ ସାମଲ୍, କେନ୍ଦ୍ର ଆଦିବାସୀ ବ୍ୟାପାର୍ ମନ୍ତ୍ରୀ ଜୁଏଲ୍ ଓରାମ୍, ଓଡ଼ିଶା ବିଜେପି ପ୍ରଭାରୀ ବିଜୟ ପାଲ୍ ସିଂ ତୋମାର୍‌ଙ୍କର୍ ସହେତେ ସାଂସଦ୍ ମାନେ ଉପସ୍ଥିତ୍ ଥିଲେ । ଇ ଅବ୍‌ସରେ ରାଜ୍ୟର୍ ତୁର୍‌ତି ବିକାଶ୍ ଆଉ ଏସ୍‌ଆଇଆର୍ ପ୍ରକ୍ରିୟାକେ ନେଇକରି ଆଲୋଚନା କରାଯାଇଥିବାର୍ ଜନାପଡ଼ିଛେ ।

ଓଡ଼ିଶା ରାଜ୍ୟ ଛାତ୍ରବୃତି ପୋର୍ଟାଲ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

୨୦୨୫-୨୬ ଶିକ୍ଷା ବଛ୍‌ରେ ଅନୁସୂଚିତ ଜାତି ଜନଜାତି ପଛୁଆ ବର୍ଗର୍ ଛାତ୍ରଛାତ୍ରୀଙ୍କର୍ ଲାଗି ମେଟ୍ରିକ୍ ପରର୍ ଛାତ୍ରବୃତି ଯୋଜ୍‌ନା ଅଧୀନ୍‌ଥି ଓଡ଼ିଶା ରାଜ୍ୟ ଛାତ୍ରବୃତି ପୋର୍ଟାଲ୍ ଫେର୍‌ଘାଏ ଖୁଲାଯାଇଛେ । ଅନୁସୂଚିତ ଜାତି, ଜନଜାତି ଉନ୍ନୟନ୍ ବିଭାଗ୍‌ର ସୂଚ୍‌ନା ଅନ୍‌ସାରେ ଯେନ୍ ଛାତ୍ରଛାତ୍ରୀମାନେ ଆଘୋ ଆବେଦନ୍ ନାଇଁ କରିପାରି ସେମାନ୍‌କର୍ ଲାଗି ଇଟା ଶେଷ୍ ସୁଯୋଗ୍ ଆଏ । ଛାତ୍ରଛାତ୍ରୀମାନେ ଆଏବା କାଏଲ୍ ଠାନୁ ୩୧ ତାରିଖ୍ ଭିତ୍‌ରେ ଇଥିର୍‌ଲାଗି ଆବେଦନ୍ କରିପାର୍‌ବେ । ଇ ବାବ୍‌ଦେ ଅଏତ୍‌କା ଜାନ୍‌ବାର୍ ଲାଗି ଛାତ୍ରଛାତ୍ରୀମାନେ www.scholarship.odisha.gov.in ଥି ଲଗ୍‌ଇନ୍ କରିପାର୍‌ବେ ।

ମହାବୀର୍ ଜୟନ୍ତୀ ଆର୍‌ଏନ୍‌ୟୁ/ ସମ୍ବଲପୁର

ସାରା ଦେଶେ ଆଏଜ୍ ମହାବୀର୍ ଜୟନ୍ତୀ ପାଲନ୍ କରାଯାଉଛେ । ଜୈନ ସମ୍ପ୍ରଦାୟର୍ ଆରାଧ ଭଗବାନ୍ ମହାବୀର୍ ବିଶ୍ୱକେ ଅହିଂସା,

ସତ୍ୟ, ଅଚୌର୍ଯ୍ୟ, ବ୍ରହ୍ମଚର୍ଯ୍ୟ ଆର୍ ଅପରିଗ୍ରହର ୫ ଟା ବ୍ରତ ସହେତେ ମାନବ୍ ସମାଜ୍‌କେ ପରିଚିତ କରେଇଥିଲେ । ମହାବୀର୍‌ଙ୍କର୍ ଶିକ୍ଷା ପୁର୍‌ଥିର୍ ଲୁକ୍‌କୁ ସମାନତା ଆର୍ ପରୋପକାର୍ ମାର୍ଗ ଅନୁସରଣ୍ କରିକରି ଲୋକ୍‌ମାନ୍‌କର୍ ସେବା ଲାଗି ବାର୍ତା ଦେସି ।

କୁଳପତି ସମ୍ମିଳନୀ          ଆର୍‌ଏନ୍‌ୟୁ/ ସମ୍ବଲପୁର

ନୂଆଦିଲ୍ଲୀ ଏ.ଆଇ.ସି.ଟି.ଇ. ମୁଖ୍ୟାଳୟ ନ ହେଇଥିବା କୁଳପତି ସମ୍ମିଳନୀ -୨୦୨୬ ଥି ବୁର୍ଲା ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ -ଭିସୁଟ୍‌କେ ଓଡ଼ିଶା ନ ୟୁନିଭର୍ସାଲ୍ ହ୍ୟୁମାନ୍ ଭେଲ୍ୟୁ ଲାଗି ପହେଲା ସମ୍ଭାବ୍ୟ ନୋଡ଼ାଲ୍ ସେଂଟର୍ ଭାବେ ସମ୍ମାନିତ୍ କରାଯାଇଛେ । କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେଇକରି ଭିସୁଟ୍ ସିଡିସିଇଡି ପ୍ରଫେସର୍ ଗଣେଶ୍ୱର୍ ନାଥ ଇ ସମ୍ମାନ୍ ଗ୍ରହଣ୍ କରିଛନ୍ ।

ଗୁଦ୍‌ଗୁଦା ମହୋତ୍ସବ୍          ଆର୍‌ଏନ୍‌ୟୁ/ ସମ୍ବଲପୁର

ସମ୍ବଲ୍‌ପୁର୍ ଜିଲ୍ଲା କୁଚିଣ୍ଡା ଖେଲ୍‌ପଡ଼ିଆ ନ ଗଲାକାଏଲ୍ ଗୁଦ୍‌ଗୁଦା ମହୋତ୍ସବ୍ ଉଦ୍‌ଘାଟିତ୍ ହେଇଯାଇଛେ । ମହୋତ୍ସବ କମିଟି ସଭାପତି ଆଉ କୁଚିଣ୍ଡା ଉପ ଜିଲ୍ଲାପାଲ୍ ସର୍ବାନନ୍ ସିଂଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ଉଦ୍‌ଘାଟନୀ ସମାରୋହଥି ଗ୍ରାମ୍ୟ ଉନ୍ନୟନ୍ ଆଉ ପଂଚାୟତିରାଜ୍ ବିଭାଗ୍ ମନ୍ତ୍ରୀ ରବିନାରାୟଣ୍ ନାୟକ୍ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇଥିଲେ । କଳା, ସଂସ୍କୃତି ଆଉ ପରମ୍ପରା ସମାଜ୍‌ର ପରିଚୟ ଆଏ ଆଉ କୁଚିଣ୍ଡାର୍ ପରିଚୟ ଆଉ ଲୋକଗୀତ ରଙ୍ଗବତୀ ଇ ଇଲାକାର୍ ଗୌରବ୍ ଆଏ ବଲି ମନ୍ତ୍ରୀ ଶ୍ରୀ ନାୟକ୍ କହିଛନ୍ ।

ଡିଜିପି ଡିସ୍କ ପୁରସ୍କାର ଆର୍‌ଏନ୍‌ୟୁ/ ସମ୍ବଲପୁର

ଉଲ୍ଲେଖନୀୟ ସେବା ଆଉ କର୍ତବ୍ୟ ନିଷ୍ଠା ଲାଗି ସମ୍ବଲ୍‌ପୁର୍ ପୁଲିସ୍ ବିଭାଗ୍‌ର ତପସ୍ୱିନୀଙ୍କୁ ସମ୍ମାନ୍ ଜନକ ଡିଜିପି ଡିସ୍କ ପୁରସ୍କାର୍ ପ୍ରଦାନ୍ କରାଯିବା । ଏପ୍ରିଲ୍ ୧ ତାରିଖ୍ ହେବାର୍‌କେ ଥିବା ଓଡ଼ିଶା ପୁଲିସ୍‌ର ଥାପ୍‌ନା ଦିବସ୍ ଅବ୍‌ସରେ ତାଙ୍କୁ ଇ ସମ୍ମାନ୍ ଦିଆଯିବା । ଡିଜିପି ଡିସ୍କ ସମ୍ମାନ୍ ପାଏବାର୍ ଲାଗି ତପସ୍ୱନୀଙ୍କର୍ ସହେତେ ଓଡ଼ିଶା

ପୁଲିସ୍‌ର ଶହେ ୩୬ ଜନ୍ ଅଧିକାରୀ ଆଉ କର୍ମଚାରୀ ମନୋନୀତ୍ ହେଇଛନ୍ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

କାଲ୍‌ବୈଶାଖୀର୍ ପ୍ରଭାବ୍‌ଥି ରାଜ୍ୟର୍ ବଡ଼ଭାଗୀ ଜାଗା ନ ଧୁକାଗର୍ଡ଼ି ଆଉ ବର୍ଷା ପାଗ୍ ଲାଗି ରହିଛେ । ଆଏବା ୨୪ ଘଂଟା ଭିତ୍‌ରେ ଘଡ଼ଘଡ଼ି ସହେତେ ଧୁକାଗର୍ଡ଼ି ଆଉ ବର୍ଷା ଲାଗି ୧୩ ଟା ଜିଲ୍ଲାକେ ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ । ଖାସ୍ କରି ମୟୁର୍‌ଭଞ୍ଜ୍, କେନ୍ଦୁଝର୍, କୋରାପୁଟ୍ ଆଉ ମାଲ୍‌କାନ୍‌ଗିରି ଜିଲ୍ଲା ନ ପ୍ରଭାବ୍ ଟିକେ ଅଏତ୍‌କା ରହେବା । ଇସବୁ ଜିଲ୍ଲା ନ ଧୁକାଗର୍ଡ଼ି ସହେତେ ଘଂଟାକ ୩୦ ନୁ ୪୦ କିଲୋମିଟର୍ ବେଗଥି ପବନ୍ ହେବାର୍ ସମ୍ଭାବନା ରହିଛେ ।